ଭାରତ ସଂଘ

ବନାମ

ଇ. ଆଇ. ଡି. ପ୍ୟାରୀ (ଇଣ୍ଡିଆ) ଲିମିଟେଡ୍

ଫେବୃଆରୀ 1, 2000

[ଏସ୍. ସାଘିର ଅହମ୍ମଦ ଏବଂ ଡି. ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ଦେୱାନୀ କାର୍ଯ୍ୟବିଧି ସଂହିତା 1908, ଧାରା 9 ଏବଂ 96— ରେଳବାଇ ଅଧିନିୟମ 1890 କୁ ଦ୍ରବ୍ୟ ଶୁଳ୍କ ନିୟମାବଳୀ, ଭାଗ 1A ସହିତ ପାଠ କରାଯାଏ— ରେଳ ୱାଗନରୁ ସମୟ ସୀମା ମଧ୍ୟରେ ମାଲ୍ ଖାଲି କରିବାରେ ବିଫଳତା ହେତୁ ରେଳବାଇ ଦ୍ୱାରା ଆଦାୟ କରାଯାଇଥିବା ବାହନ ଅଟକ ଶୁଳ୍କକୁ ଅସୁଲି କରିବା ପାଇଁ, ବିଚାର କରୁଥିବା ଅଦାଲତରେ ଆବେଦନକାରୀଙ୍କ ବିରୁଦ୍ଧରେ ଉତ୍ତରଦାତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ମାମଲା— ଉଚ୍ଚ ନ୍ୟାୟାଳୟ, ଆବେଦନରେ ବିଚାରାଦେଶକୁ କାଏମ ରଖିଛନ୍ତି, କିନ୍ତୁ ଶୁଳ୍କ ନିୟମାବଳୀର ଭାଗ 1A କୁ କ୍ଷମତା ବହିର୍ଭୂତ କହି ଖାରଜ କରିଦେଇଛନ୍ତି— ନିର୍ଣ୍ଣୟ ହୋଇଛି, ନିୟମଗୁଡିକ କ୍ଷମତା ବହିର୍ଭୂତ ବୋଲି ଆବେଦନରେ କୌଣସି ଯୁକ୍ତି ନଥିଲେ, ଉଚ୍ଚ ନ୍ୟାୟାଳୟ ସେହି ପ୍ରଶ୍ନର ନିଷ୍ପତ୍ତି ନେଇପାରିବେ ନାହିଁ— ଅଭ୍ୟାସ ଓ ପ୍ରକ୍ରିୟା ।*

**ମୁକ୍ତ ସମୟ ମଧ୍ୟରେ ୱାଗନଗୁଡ଼ିକରୁ ମାଲ୍ ଖାଲି ନକରିପାରିବା କାରଣରୁ ରେଳବାଇ ପ୍ରଶାସନ ଦ୍ୱାରା ବାହନ ଅଟକ ଶୁଳ୍କ ବାବଦରେ ଧାର୍ଯ୍ୟ କରାଯାଇଥିବା 2, 333.61/- ଟଙ୍କା ଫେରି ପାଇବା ପାଇଁ ଉତ୍ତରଦାତା ଯେଉଁ ମାମଲା ଦାୟର କରିଥିଲେ, ତାହାକୁ ବିଚାର କରୁଥିବା ନ୍ୟାୟାଳୟ 966/- ଟଙ୍କା ସହିତ 6% ସୁଧ ପ୍ରଦାନ କରିବା ପାଇଁ ବିଚାରାଦେଶ ପ୍ରଦାନ କରିଥିଲେ । ପ୍ରଥମ ଅତିରିକ୍ତ ଜିଲ୍ଲା ବିଚାରପତିଙ୍କ ଦ୍ୱାରା ବିଚାରାଦେଶକୁ ଅଗ୍ରାହ୍ୟ କରାଯାଇଥିଲା ।**

**ଉଚ୍ଚ ନ୍ୟାୟାଳୟ, ବିଚାର କରୁଥିବା ଅଦାଲତଙ୍କ ଦ୍ୱାରା ପାରିତ ବିଚାରାଦେଶକୁ କାଏମ୍ ରଖି, ଦ୍ରବ୍ୟ ଶୁଳ୍କ ନିୟମାବଳୀ, ଭାଗ 1A କୁ ରଦ୍ଦ କରିଦେଇଛନ୍ତି, ଯେଉଁଠି ଗୋଟିଏ ୱାଗନକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଖାଲି କରାନଯାଇ ଅଟକ ରଖାଯାଏ, ତେବେ ସମସ୍ତ ବକ୍ସ ୱାଗନଗୁଡିକ ଉପରେ ବାହନ ଅଟକ ଶୁଳ୍କ ଆଦାୟ କରାଯିବ ।**

**ଏହି ନ୍ୟାୟାଳୟରେ ଆବେଦନକାରୀ ଯୁକ୍ତି ଦର୍ଶାଇଥିଲେ ଯେ ଉକ୍ତ ନିୟମର ବୈଧତା ଯାଞ୍ଚ କରିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ପାଖରେ କୌଣସି ସୁଯୋଗ ନଥିଲା ।**

**ଆଂଶିକ ଭାବରେ ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଛନ୍ତି ଯେ: ଉଚ୍ଚ ନ୍ୟାୟାଳୟ ଯୁକ୍ତିର ପରିସର ବାହାରକୁ ଯାଇ, ଏହି ନିୟମକୁ କ୍ଷମତା ବହିର୍ଭୂତ ବୋଲି ଘୋଷଣା କରିଛନ୍ତି । ଯେଉଁ ପ୍ରଶ୍ନ ମାମଲାର ଯୁକ୍ତିରେ ଉଲ୍ଲେଖ ନାହିଁ, ଯାହାକୁ ନେଇ ପକ୍ଷମାନଙ୍କ ମଧ୍ୟରେ କୌଣସି ବିବାଦ ନାହିଁ କିମ୍ବା ଯାହା ମାମଲାର ବିଷୟ ନୁହେଁ, ସେଭଳି କୌଣସି ବିଷୟରେ ନ୍ୟାୟାଳୟ ନିଷ୍ପତ୍ତି ନେଇପାରିବେ ନାହିଁ ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 1763/1989

18.8.82 ତାରିଖରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ଏସ.ଏ. ସଂଖ୍ୟା 674/1979 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଭି. ସି. ମହାଜନ, କେ. ଏନ୍. ଶୁକ୍ଳା, ଏ. ଡି. ଏନ୍. ରାଓ, ଶ୍ରୀମତୀ ଅନୀଲ କଟିୟାର, ସୁଶ୍ରୀ କିଚି କୁମାରମଙ୍ଗଲମ୍, ସି. ଭି. ସୁଦ୍ଧା ରାଓ ଏବଂ ସୁଶ୍ରୀ ଏ. ସୁଭାଶିନୀ ଆବେଦନକାରୀଙ୍କ ପାଇଁ ।

ବି. କାନ୍ତା ରାଓ ଉତ୍ତରଦାତାଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ ଯାଇଥିଲା

ନ୍ୟାୟମୂର୍ତ୍ତି **ଏସ୍. ସାଘିର ଅହମ୍ମଦଙ୍କ** ଦ୍ୱାରା । ମୁକ୍ତ ସମୟ ମଧ୍ୟରେ ୱାଗନଗୁଡ଼ିକରୁ ମାଲ୍ ଖାଲି ନକରିପାରିବା କାରଣରୁ ରେଳବାଇ ପ୍ରଶାସନ ଦ୍ୱାରା ବାହନ ଅଟକ ଶୁଳ୍କ ବାବଦରେ ଧାର୍ଯ୍ୟ କରାଯାଇଥିବା 2, 333.61/- ଟଙ୍କା ଫେରି ପାଇବା ପାଇଁ ଉତ୍ତରଦାତା ଯେଉଁ ମାମଲା ଦାୟର କରିଥିଲେ, ତାହାକୁ ବିଚାର କରୁଥିବା ନ୍ୟାୟାଳୟ ତଥା ଗୁଣ୍ଟୁରର ଜିଲ୍ଲା ମୁନସିଫ୍, 966/- ଟଙ୍କା ସହିତ ବାର୍ଷିକ 6% ସୁଧ ପ୍ରଦାନ କରିବା ପାଇଁ ବିଚାରାଦେଶ ପ୍ରଦାନ କରିଥିଲେ । ଏହି ବିଚାରାଦେଶକୁ ଗୁଣ୍ଟୁରର ପ୍ରଥମ ଅତିରିକ୍ତ ଜିଲ୍ଲା ବିଚାରପତିଙ୍କ ଦ୍ୱାରା ଏହି କାରଣରୁ ରଦ୍ଦ କରାଯାଇଛି ଯେ, ବିଶାଖାପାଟଣା ବନ୍ଦରରୁ କ୍ରିଷ୍ଣା କେନାଲ ରେଳ ଷ୍ଟେସନ ପର୍ଯ୍ୟନ୍ତ ଯେଉଁ 10 ଟି ବକ୍ସ ୱାଗନ୍ ମାଧ୍ୟମରେ ବୃହତ ପରିମାଣରେ ପଥର-ଫସଫେଟ୍ ସାର ପଠାଯାଇଥିଲା, ସେଗୁଡ଼ିକ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ସାରିଥିଲା ଏବଂ ତା'ପରେ ମଇ 5, 1971 ଭୋର 3.30 ମିନିଟ୍ ସମୟରେ ଉତ୍ତରଦାତାଙ୍କ ସ୍ଥାନକୁ ପଠାଯାଇଥିଲା ଏବଂ ସକାଳ ୬.୩୦ ମିନିଟ୍‌ରେ ମାଲ୍ ଖାଲି କରିବା କାର୍ଯ୍ୟ ଆରମ୍ଭ ହୋଇଥିଲା, କିନ୍ତୁ ଉତ୍ତରଦାତାଙ୍କୁ ମିଳିଥିବା ନିର୍ଦ୍ଧାରିତ ମୁକ୍ତ ସମୟ ମଧ୍ୟରେ ଅର୍ଥାତ ସକାଳ 9.00 ମିନିଟ୍ ସୁଦ୍ଧା ମାତ୍ର ପାଞ୍ଚୋଟି ୱାଗନ୍ ଖାଲି କରାଯାଇଥିଲା ଏବଂ ଯେହେତୁ ସମସ୍ତ ଦଶଟି ବକ୍ସ ୱାଗନ୍ ଖାଲି କରାଯାଇ ନଥିଲା, ତେଣୁ ନିୟମ ଅନୁଯାୟୀ ରେଳବାଇ ସେହି ସମସ୍ତ 10 ଟି ୱାଗନ୍ ପାଇଁ ବିଳମ୍ବ ଶୁଳ୍କ ଆଦାୟ କରିବାକୁ ହକଦାର ଥିଲେ । ନିମ୍ନ ଅପିଲିୟ ଅଦାଲତ, ଦକ୍ଷିଣ ରେଳବାଇର ଦ୍ରବ୍ୟ ଶୁଳ୍କ ନିୟମାବଳୀ, ଭାଗ 1-A ଉପରେ ନିର୍ଭର କରିଥିଲେ, ଯାହାକୁ ନିମ୍ନମତେ ଉଲ୍ଲେଖ କରାଯାଇଛି:

> "ମାଲ୍ ଖାଲି କରିବା ପାଇଁ ରଖାଯାଇଥିବା ବକ୍ସ ୱାଗନ ଗୁଡ଼ିକ ଉପରେ ବିଳମ୍ବ ଶୁଳ୍କ ଲାଗୁ କରିବା ପାଇଁ ଏକକ ଭାବେ ଧରାଯିବ, ଅର୍ଥାତ୍, ଯଦି ଦିଆଯାଇଥିବା ମୁକ୍ତ ସମୟ ପରେ ଗୋଟିଏ ୱାଗନ ଖାଲି ନହୋଇ ରହିଯାଏ, ତେବେ ସେହି ଶ୍ରେଣୀର ସମସ୍ତ ୱାଗନ ଉପରେ ବିଳମ୍ବ ଶୁଳ୍କ ଲାଗୁ ହେବ । "

ଉପରୋକ୍ତ ନିୟମକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଦ୍ୱିତୀୟ ଆବେଦନରେ କ୍ଷମତା ବହିର୍ଭୂତ କହି ଖାରଜ କରିଦେଇଛନ୍ତି ଏବଂ ବିଚାର କରୁଥିବା ଅଦାଲତଙ୍କ ଦ୍ୱାରା ପାରିତ ବିଚାରାଦେଶକୁ କାଏମ ରଖିଛନ୍ତି ।

ବର୍ତ୍ତମାନର ଏହି ଆବେଦନରେ, ଯାହାକି ଉଚ୍ଚ ନ୍ୟାୟାଳୟଙ୍କ ରାୟ ବିରୁଦ୍ଧରେ ନିର୍ଦ୍ଦେଶ ଦିଆଇଛି, ସେଥିରେ ଆବେଦନକାରୀଙ୍କ ବିଦ୍ୱାନ ଓକିଲଙ୍କ ପକ୍ଷରୁ ଯୁକ୍ତି କରାଯାଇଛି ଯେ, ଉପରୋକ୍ତ ଦ୍ରବ୍ୟ ଶୁଳ୍କ ନିୟମାବଳୀର ବୈଧତାକୁ ଯାଞ୍ଚ କରିବା କିମ୍ବା ସେହି ନିୟମକୁ ରେଳବାଇ ଅଧିନିୟମ 1890 ର କ୍ଷମତା ବାହାରେ ବୋଲି ଦର୍ଶାଇବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ପାଖରେ କୌଣସି କାରଣ ନଥିଲା । ଏହି ଯୁକ୍ତି ସମ୍ପୂର୍ଣ୍ଣ ଠିକ୍ ବୋଲି ଜଣାପଡୁଛି ।

ଆବେଦନକାରୀଙ୍କ ଦ୍ୱାରା ଉତ୍ତରଦାତାଙ୍କ ଠାରୁ ଆଦାୟ କରାଯାଇଥିବା କଥିତ ଅତ୍ୟଧିକ ବିଳମ୍ବ ଶୁଳ୍କ ଫେରସ୍ତ ପାଇଁ ଏହି ମାମଲା ରୁଜୁ କରାଯାଇଥିଲା । ଏହି ଦାବିଟି ଦ୍ରବ୍ୟ ଶୁଳ୍କ ନିୟମାବଳୀ, ବିଶେଷ କରି ଉପରେ ଉଲ୍ଲେଖ କରାଯାଇଥିବା ନିୟମ ଉପରେ ଆଧାରିତ, ଯାହା କି ଉତ୍ତରଦାତାଙ୍କୁ ସେହି ସମସ୍ତ ୱାଗନ ପାଇଁ କ୍ଷତିପୂରଣ ଦାବି କରିବାକୁ ଅଧିକାର ଦିଏ, ଯେଉଁଗୁଡ଼ିକ କୌଣସି ପକ୍ଷକୁ ଯୋଗାଇ ଦିଆଯାଇଥିଲା କିନ୍ତୁ ସେ ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ଦ୍ଧାରିତ ସ୍ଥାନରେ ସେହି ୱାଗନଗୁଡ଼ିକୁ ଖାଲି କରିନାହାନ୍ତି । ଉତ୍ତରଦାତା ଯେଉଁ ନିୟମ ଉପରେ ଭରସା କରିଥିଲେ, ସେହି ନିୟମଟି ରେଳବାଇ ଅଧିନିୟମ, 1890 ର କ୍ଷମତା ବାହାରେ ବୋଲି କୌଣସି ଯୁକ୍ତି କରାଯାଇ ନଥିଲା । ଯେହେତୁ ଏ ବିଷୟରେ କୌଣସି ଅଭିଯୋଗ ନଥିଲା, ତେଣୁ ବିଚାର କରୁଥିବା ଅଦାଲତ ଏହି ପ୍ରଶ୍ନ ଉପରେ କୌଣସି ପ୍ରସଙ୍ଗ ଧାର୍ଯ୍ୟ କରି ନଥିଲେ । ଉଚ୍ଚ ନ୍ୟାୟାଳୟ ନିଜ ଆଡୁ ଏହି ନିୟମର ବୈଧତା ବିଚାର କରିବାକୁ ଅଗ୍ରସର ହୋଇଥିଲେ ଏବଂ ଶେଷରେ ନିର୍ଣ୍ଣୟ ନେଇଥିଲେ ଯେ ଏହା ରେଳବାଇ ଅଧିନିୟମ, 1890 ର ପ୍ରାସଙ୍ଗିକ ବ୍ୟବସ୍ଥାଗୁଡ଼ିକ ସହିତ ସଙ୍ଗତିପୂର୍ଣ୍ଣ ନୁହେଁ, ଫଳସ୍ୱରୂପ, ନ୍ୟାୟାଳୟ ଏହାକୁ କ୍ଷମତା ବହିର୍ଭୂତ ବୋଲି ଘୋଷଣା କରିଛନ୍ତି । ଏହି ମତ ସ୍ଥିରୀକୃତ ଆଇନର ବିପରୀତ ଅଟେ ଯେ ଯେଉଁ ପ୍ରଶ୍ନ ମାମଲାର ଯୁକ୍ତିରେ ଉଲ୍ଲେଖ ନାହିଁ, ଯାହାକୁ ନେଇ ପକ୍ଷମାନଙ୍କ ମଧ୍ୟରେ କୌଣସି ବିବାଦ ନାହିଁ କିମ୍ବା ଯାହା ମାମଲାର ବିଷୟ ନୁହେଁ, ସେଭଳି କୌଣସି ବିଷୟରେ ନ୍ୟାୟାଳୟ ନିଷ୍ପତ୍ତି ନେଇପାରିବେ ନାହିଁ । ମକଦ୍ଦମାର ପରିସର ସୀମିତ ଥିଲା । ଅର୍ଜିରେ ଦିଆଯାଇଥିବା ଦାବି ଏବଂ ବର୍ତ୍ତମାନର ଆବେଦନକାରୀଙ୍କ ଦ୍ୱାରା ସେମାନଙ୍କ ଲିଖିତ ବିବୃତିରେ ରଖାଯାଇଥିବା ପ୍ରତିରକ୍ଷା ଯୁକ୍ତି, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ରଦ୍ଦ କରାଯାଇଥିବା ନିୟମର ବୈଧତା ସହିତ ଜଡ଼ିତ ନଥିଲା । ତେଣୁ, ଉଚ୍ଚ ନ୍ୟାୟାଳୟ ପ୍ରତିବାଦ ପତ୍ରର ପରିସର ବାହାରକୁ ଯାଇ, ଏହି ନିୟମକୁ କ୍ଷମତା ବହିର୍ଭୂତ ବୋଲି ଘୋଷଣା କରିଛନ୍ତି । ତେଣୁ ଏହି ପ୍ରସଙ୍ଗରେ ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ବଜାୟ ରଖାଯାଇପାରିବ ନାହିଁ ।

ସମସ୍ତ ଦଶଟି ୱାଗନ୍ ପାଇଁ ବିଳମ୍ବ ଶୁଳ୍କ ଦାବି ସମ୍ପର୍କିତ ପ୍ରଶ୍ନ ପର୍ଯ୍ୟନ୍ତ, ବିଚାର କରୁଥିବା ଅଦାଲତ ନିମ୍ନଲିଖିତ ତଥ୍ୟ ଲିପିବଦ୍ଧ କରିଛନ୍ତି ।

> "ନିର୍ଣ୍ଣୟ କରାଯିବାକୁ ଥିବା ପ୍ରଶ୍ନଟି ହେଉଛି ଯେ, ପ୍ରତିପକ୍ଷ ସମସ୍ତ 10 ଟି ୱାଗନ୍ ପାଇଁ ବିଳମ୍ବ ଶୁଳ୍କ ଆଦାୟ କରିବାକୁ ହକଦାର ନା କେବଳ ସେହି 5 ଟି ୱାଗନ୍ ପାଇଁ, ଯାହା ମୁକ୍ତ ସମୟ ସରିବା ପରେ ବି ଖାଲି କରାଯାଇନଥିଲା । ଦକ୍ଷିଣ ରେଳବାଇ ଦ୍ୱାରା 1965 ରେ ପ୍ରକାଶିତ ଦ୍ରବ୍ୟ ଶୁଳ୍କ ଭାଗ 1-A କୁ ଆଧାର କରି, ବିଦ୍ୱାନ ଓକିଲ ରେଳୱେ ଖର୍ଚ୍ଚ ସମ୍ବନ୍ଧୀୟ ପ୍ରମାଣ ଉପସ୍ଥାପନ କରିଥିଲେ । ନିୟମ 28, ଘାଟ ଶୁଳ୍କ ଏବଂ ବିଳମ୍ବ ଶୁଳ୍କ ଭାବରେ ଯେଉଁ ଶୁଳ୍କ ଆଦାୟ କରାଯାଏ, ତାହାର ଶୁଳ୍କ ହାର ବ୍ୟବସ୍ଥା ପ୍ରଦାନ କରେ । ଏହି ନିୟମର ବିଷୟ II ରେ ବିଳମ୍ବ ଶୁଳ୍କର ହାର ଗୁଡ଼ିକ ବିଷୟରେ ଏକ ସାରଣୀ ପ୍ରଦାନ କରାଯାଇଛି । ଉପ-ବିଷୟ II, ମାଲ ପରିବହନକାରୀଙ୍କ ଦ୍ୱାରା ଖାଲିକରିବାକୁ ଅପେକ୍ଷା କରୁଥିବା ୱାଗନଗୁଡ଼ିକ ସହ ଜଡ଼ିତ । ସାରଣୀର ସ୍ତମ୍ଭ (2) ରେ ଉଲ୍ଲେଖ କରାଯାଇଛି ଯେ, 1 ରୁ 10 ଟି ବକ୍ସ ୱାଗନର ଶ୍ରେଣୀ ପାଇଁ, ୱାଗନଗୁଡ଼ିକ ଖାଲି କରିବା ପାଇଁ ସ୍ଥାନରେ ରଖାଯିବା ସମୟଠାରୁ 5 ଘଣ୍ଟାର କାର୍ଯ୍ୟ ସମୟ ମାଗଣା ଦିଆଯିବ । ମନ୍ତବ୍ୟ ସ୍ତମ୍ଭ ସଂଖ୍ୟା 4 ରେ କୁହାଯାଇଛି ଯେ ମାଲ୍ ଖାଲିକରିବା ପାଇଁ ରଖାଯାଇଥିବା ବକ୍ସ ୱାଗନର ସମସ୍ତ ଶ୍ରେଣୀକୁ ବିଳମ୍ବ ଶୁଳ୍କ ଆଦାୟ ଉଦ୍ଦେଶ୍ୟରେ ଗୋଟିଏ ଏକକ ଭାବରେ ବିବେଚନା କରାଯିବ, ଅର୍ଥାତ୍ ଯଦି ଦୁଇ କିମ୍ବା ତତୋଧିକ ଶ୍ରେଣୀ ମଧ୍ୟରୁ ଗୋଟିଏ ୱାଗନକୁ ନିର୍ଦ୍ଧାରିତ ମାଗଣା ସମୟରୁ ଅଧିକ ସମୟ ମାଲ୍ ଖାଲିକରିବା ପାଇଁ ଅଟକ ରଖାଯାଏ, ତେବେ ସେହି ଶ୍ରେଣୀର ସମସ୍ତ ବକ୍ସ ୱାଗନ ଉପରେ ବିଳମ୍ବ ଶୁଳ୍କ ଆଦାୟ କରାଯିବ । ପ୍ରତିବାଦୀଙ୍କ ବିଦ୍ୱାନ ଓକିଲ ଯୁକ୍ତି କରିଥିଲେ ଯେ ମୁକ୍ତ ସମୟ ମଧ୍ୟରେ ପାଞ୍ଚଟି ୱାଗନ୍ ଖାଲି ହୋଇଥିଲେ ମଧ୍ଯ କେବଳ

ଉପରୋକ୍ତ ନିୟମ ଅନୁଯାୟୀ ପ୍ରତିବାଦୀ ସମସ୍ତ 10 ୱାଗନ୍ ଉପରେ ବିଳମ୍ବ ଶୁଳ୍କ ସଂଗ୍ରହ କରିଥିଲେ । ବାଦୀଙ୍କ ଅନୁଯାୟୀ ଉପରୋକ୍ତ ନିୟମ ଘରୋଇ ପକ୍ଷ ପାଇଁ ପ୍ରଯୁଜ୍ୟ ନୁହେଁ । ଯେପରି ଉପୋରୋକ୍ତରେ ଦର୍ଶାଯାଇଛି, କୃଷ୍ଣ କେନାଲ ରେଳ ଷ୍ଟେସନରେ ବାଦୀଙ୍କର ଏକ ବ୍ୟକ୍ତିଗତ ସ୍ଥାନ ଅଛି । ବାଦୀଙ୍କ ବ୍ୟକ୍ତିଗତ ସ୍ଥାନରେ ୱାଗନଗୁଡ଼ିକୁ ଖାଲି କରାଯାଇଥିଲା । ଉପରୋକ୍ତ ନିୟମ 48 ରେ ଦିଆଯାଇଥିବା ସାରଣୀରେ ଏକ ପୃଥକ ଶୀର୍ଷକ 'ବ୍ୟକ୍ତିଗତ ସ୍ଥାନ' ଭାବରେ ଉଲ୍ଲେଖ କରାଯାଇଥିଲା । ଏଥିରେ ନିର୍ଦ୍ଦିଷ୍ଟ କରାଯାଇଛି ଯେ ଘରୋଇ ସ୍ଥାନରେ ଖଲାସ ଅପେକ୍ଷାରେ ଥିବା ବୋଝେଇ ମାଲ୍‌ଗାଡ଼ିଗୁଡ଼ିକୁ ମୁକ୍ତ ସମୟ ଭାବରେ 5 କାର୍ଯ୍ୟକାରୀ ନିର୍ଘଣ୍ଟ ଦିଆଯିବ, ଏହି ସମୟ ସେତିକି ବେଳୁ ଗଣାଯିବ, ଯେଉଁ ସମୟରେ ଗାଡ଼ିଗୁଡ଼ିକ ଖାଲିକରିବା ସ୍ଥାନର ସୀମା ଭିତରକୁ ପ୍ରବେଶ କରିଛି । 'ମନ୍ତବ୍ୟ' ପାଇଁ ଉଦ୍ଦିଷ୍ଟ ସ୍ତମ୍ଭ 4 କୁ ଖାଲି ଛାଡ଼ି ଦିଆଯାଇଛି । ସାଧାରଣ ସ୍ଥାନ କ୍ଷେତ୍ରରେ ମନ୍ତବ୍ୟ ସ୍ତମ୍ଭରେ ଏହା ଉଲ୍ଲେଖ କରାଯାଇ ନାହିଁ ଯେ, ଯଦି ଏକ ଦଳରେ ଥିବା ୱାଗନ୍‌ଗୁଡ଼ିକ ମଧ୍ୟରୁ ଗୋଟିଏ ହେଲେ ବି ୱାଗନ୍ ନିର୍ଦ୍ଧାରିତ ସମୟ ମଧ୍ୟରେ ଖାଲି ନହୁଏ, ତେବେ ସେହି ଦଳରେ ଥିବା ସମସ୍ତ ୱାଗନ୍ ଉପରେ ବିଳମ୍ବ ଶୁଳ୍କ ଲାଗୁ କରାଯିବ । ସେହି ସ୍ତମ୍ଭଟିକୁ ଖାଲି ଛାଡ଼ି ଦିଆଯାଇଛି । ଉପରୋକ୍ତ ବ୍ୟବସ୍ଥାର ଅନୁପସ୍ଥିତିରେ, ମୋ ମତରେ ଖାଲି ହେବାକୁ ଥିବା ୱାଗନ ଏବଂ ଖାଲି ହୋଇସାରିଥିବା ୱାଗନକୁ ଏକ ଏକକ ଭାବରେ ଗଣନା କରି, ଖାଲି ହୋଇସାରିଥିବା ୱାଗନ ପାଇଁ ମଧ୍ୟ ଶୁଳ୍କ ଆଦାୟ କରିବାର ଅଧିକାର ପ୍ରତିବାଦୀଙ୍କର ନାହିଁ । ଯଦି ଘରୋଇ ସ୍ଥାନ କ୍ଷେତ୍ରରେ ମଧ୍ୟ ରେଳବାଇ ବୋର୍ଡ ସାଧାରଣ ସ୍ଥାନ କ୍ଷେତ୍ରରେ ବିଳମ୍ବ ଶୁଳ୍କ ସଂଗ୍ରହ କରିବାକୁ ଚାହୁଁଥିଲା, ତେବେ ଏହା ମନ୍ତବ୍ୟ ସ୍ତମ୍ଭରେ ନିର୍ଦ୍ଦିଷ୍ଟ ହୋଇଥାନ୍ତା ଯେ ସମସ୍ତ ନିର୍ଦ୍ଧାରିତ ଖାଲି ସମୟ ପାଇଁ ବିଳମ୍ବ ଶୁଳ୍କ ସଂଗ୍ରହ କରାଯିବ । ଯେପରି କୁହାଯାଇଛି, ନିର୍ଦ୍ଧାରିତ ମୁକ୍ତ ସମୟ ଅତିକ୍ରମ କରିବା ପରେ ମଧ୍ୟ ପାଞ୍ଚଟି ୱାଗନ ଖାଲି ହେବାକୁ ଥିଲା । ପ୍ରତିବାଦୀ କେବଳ ଏହି ପାଞ୍ଚଟି ୱାଗନ ପାଇଁ ବିଳମ୍ବ ଶୁଳ୍କ ସଂଗ୍ରହ କରିପାରିବେ ଏବଂ ସମସ୍ତ 10 ୱାଗନ ପାଇଁ ନୁହେଁ । ମୁକ୍ତ ସମୟ ମଧ୍ୟରେ ଖାଲି କରାଯାଇଥିବା 5 ଟି ୱାଗନ ପାଇଁ ବାଦୀ ଦେଇଥିବା ଶୁଳ୍କକୁ, ଫେରସ୍ତ ପାଇବାକୁ ହକଦାର ଅଟନ୍ତି । ସେହି ଅନୁଯାୟୀ ଏହି ପ୍ରସଙ୍ଗର ଉତ୍ତର ଦିଆଯାଇଛି "।

ବିଚାର କରୁଥିବା ନ୍ୟାୟାଳୟ "ସାଧାରଣ ସ୍ଥାନ" ଏବଂ "ଘରୋଇ ସ୍ଥାନ" ମଧ୍ୟରେ ଏକ ପାର୍ଥକ୍ୟ ଦର୍ଶାଇଛନ୍ତି ଏବଂ ନିର୍ଣ୍ଣୟ ନେଇଛନ୍ତି ଯେ, ଘରୋଇ ସ୍ଥାନ କ୍ଷେତ୍ରରେ ସମୁଦାୟ 10 ଟି ୱାଗନ ପାଇଁ ବିଳମ୍ବ ଶୁଳ୍କ ଦାବି କରାଯାଇପାରିବ ନାହିଁ, ଏହି ଶୁଳ୍କ କେବଳ ସେହି ୱାଗନଗୁଡିକ ପାଇଁ ଲାଗୁ ହୋଇପାରିବ, ଯେଉଁଗୁଡିକୁ ନିୟମ ଅନୁଯାୟୀ ଧାର୍ଯ୍ୟ ହୋଇଥିବା ମୁକ୍ତ ସମୟ ମଧ୍ୟରେ ଖାଲି କରାଯାଇନାହିଁ । ଏହି ସିଦ୍ଧାନ୍ତକୁ ଆମ ସମ୍ମୁଖରେ ବିରୋଧ କରାଯାଇ ନାହିଁ ଏବଂ ଏହା କିପରି ତ୍ରୁଟିପୂର୍ଣ୍ଣ ତାହା ମଧ୍ୟ ଦର୍ଶାଯାଇ ନାହିଁ । ଯେଉଁ ଦ୍ରବ୍ୟ ଶୁଳ୍କ ନିୟମାବଳୀ ଉପରେ ଭରସା କରି ବିଚାର କରୁଥିବା ଅଦାଲତ ଏହି ନିଷ୍ପତ୍ତିରେ ପହଞ୍ଚିଛନ୍ତି, ଆମର କହିବା ସତ୍ତ୍ୱେ ସେଗୁଡ଼ିକୁ ଆମ ସମ୍ମୁଖରେ ଉପସ୍ଥାପନ କରାଯାଇ ନାହିଁ ।

ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି, ଆବେଦନକୁ ଆଂଶିକ ଭାବେ ଅନୁମତି ପ୍ରଦାନ କରାଗଲା । ଉପରେ ଉଲ୍ଲେଖ କରାଯାଇଥିବା ଦ୍ରବ୍ୟ ଶୁଳ୍କ ନିୟମାବଳୀକୁ ରଦ୍ଦ କରିବା ପାଇଁ ଉଚ୍ଚ ନ୍ୟାୟାଳୟ ଯେଉଁ ନିଷ୍ପତ୍ତି ଶୁଣାଇଥିଲେ, ତାହାକୁ ଆଗ୍ରହ୍ୟ କରାଗଲା, କିନ୍ତୁ ଉଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିର ଅନ୍ୟ ଅଂଶ, ଯେଉଁଥିରେ ବିଚାର କରୁଥିବା ଅଦାଲତଙ୍କ ବିଚାରାଦେଶକୁ କାଏମ୍ ରଖାଯାଇଥିଲା, ତାହାକୁ ବଳବତ୍ତର ରଖାଗଲା । ଖର୍ଚ୍ଚ ବାବଦରେ କୌଣସି ଆଦେଶ ରହିବ ନାହିଁ ।

ଏସ୍. ଏମ୍. ଆବେଦନକୁ ଆଂଶିକ ଭାବେ ଅନୁମତି ପ୍ରଦାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।